# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୩୮ (ଓଡ଼ିଆ ବୁଲେଟିନ୍) ସପ୍ତାହ -୧୯ ତାରିଖ: ୧୦.୦୫.୨୦୨୪

## ଜିଲ୍ଲା – ବରଗଡ଼

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୧-୦୫-୨୦୨୪ | ୧୨-୦୫-୨୦୨୪ | ୧୩-୦୫-୨୦୨୪ | ୧୪-୦୫-୨୦୨୪ | ୧୫-୦୫-୨୦୨୪ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | ୨ | ୫ | ୫ | ୬ | ୬ |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | ୩୭ | ୩୮ | ୩୮ | ୪୦ | ୪୦ |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | ୨୭ | ୨୭ | ୨୬ | ୨୬ | ୨୮ |
| ସମ୍ପୂର୍ଣମେଘ ଆବରଣ(ଓକଟା) | ୩ | ୪ | ୪ | ୬ | ୬ |
| ସର୍ବାଧିକଆପେକ୍ଷିକ ଆଦ୍ରତା (ଶତକଡା %) | ୫୩ | ୫୪ | ୫୫ | ୫୯ | ୪୩ |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | ୧୮ | ୧୯ | ୧୬ | ୨୩ | ୧୯ |
| ପବନବେଗ (କିମି/ଘଣ୍ଟା ପ୍ରତି) | ୧୬ | ୧୬ | ୧୭ | ୧୨ | ୧୦ |
| ପବନଦିଗ (ଡିଗ୍ରୀ) | ୨୧୨ | ୧୬୯ | ୨୪୩ | ୨୪୨ | ୨୪୮ |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର , ଭୁବନେଶ୍ୱର ଅନୁଯାୟୀ ଆସନ୍ତା ସପ୍ତାହରେ କିଛିଟା ସ୍ଥାନରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଛନ୍ନ ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୭ ରୁ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୬ ରୁ ୨୮ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୪୩ % ରୁ ୫୯ % ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୬ % ରୁ ୨୩ % ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ୫ ଦିନ ମଧ୍ୟରେ ୧୦ ରୁ ୧୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ଲମ୍ବା ଅବଧି ପାଣିପାଗ ପୂର୍ବାନୁମାନ ଅନୁଯାୟୀ ୧୦ ରୁ ୧୬ ମଇ , ୨୦୨୪ ମଧ୍ୟରେ ଓଡିଶାର କିଛିଟା ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଅଛି କିନ୍ତୁ ଏହି ସମୟ ଅବଧିରେ କିଛିଟା ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ସାମାନ୍ୟରୁ ୧ ରୁ ୨ ଡିଗ୍ରୀ ଅଧିକା ରହିପାରେ । ଏହାର ପରବର୍ତୀ ସପ୍ତାହ (୧୭ ରୁ ୨୩ ମଇ , ୨୦୨୪) ରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହିତ ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ସାମାନ୍ୟରୁ ୨ ରୁ ୩ ଡିଗ୍ରୀ ଅଧିକା ରହିବାର ସମ୍ଭାବନା ଅଛି ।
- ଉଷ୍ଣ ଲହରୀ ପ୍ରଭାବରୁ ଫସଲ ତଥା ପଶୁମାନଙ୍କୁ ରକ୍ଷା କରିବା ପାଇଁ ଚାଷୀ ଭାଇମାନେ ସତର୍କତା ଅବଲମ୍ବନ କରିବା ଉଚିତ ଯେପରିକି କ୍ଷେତରେ ଥିବା ଫସଲରେ ଆବଶ୍ୟକତା ଅନୁଯାଇ ସକାଳ କିମ୍ବା ସନ୍ଧ୍ୟା ସମୟରେ ନିୟମିତ ସିଞ୍ଚନ ପ୍ରଣାଳୀରେ ଜଳସେଚନର ପ୍ରବନ୍ଧ କରିବା , ଫଳ ଓ ପନିପରିବା କ୍ଷେତରେ ମାଟିର ଆର୍ଦ୍ରତା ଓ ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ପଲିଥିନ , ପୁଆଳ କିମ୍ବା ଅନ୍ୟ ଫସଲ ଅବଶେଷକୁ ଆବରଣ ଭାବରେ ପ୍ରୟୋଗ କରିବା , ପଶୁମାନଙ୍କୁ ଝାଞ୍ଜି ଖରାରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରିବା ତଥା ଦିପହର ସମୟରେ କାମ ନ କରାଇବା ଇତ୍ୟାଦି ।
- ପ୍ରଚଳିତ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଆଗକୁ ଫସଲରେ ବିଭିନ୍ନ ପ୍ରକାରର ପୋକ ଏବଂ ରୋଗର ସଂକ୍ରମଣ ବଢାଇବାରେ ସହାୟକ ହୋଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।

| ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ | | |
|---|---|---|
| **ଫସଲର ନାମ** | **ଫସଲ ଅବସ୍ଥା** | **କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ** |
| ଡାଲୁଆ ଧାନ | ଦୁଗ୍ଧ ଅବସ୍ଥା / ଦାନା ଭରିବା ଓ ବିକଶିତ ହେବା / ପରିପକ୍ୱ ଅବସ୍ଥା | • ଯେଉଁ ଚାଷୀ ଭାଇମାନଙ୍କର ଧାନ ଗଛରେ ୮୦ କିମ୍ବା ତା'ଠୁ ଅଧିକା ପ୍ରତିଶତ କେଣ୍ଡାରେ ଥିବା ଦାନା ପରିପକ୍ୱ କିମ୍ବା ହଳଦିଆ ରଙ୍ଗର ଦେଖାଗଲାଣି ସେଥିରେ ଧାନ କାଟିବା କାର୍ଯ୍ୟ ପ୍ରାରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀ ଭାଇମାନେ ଧାନ କାଟିକି ବାହାରେ ଶୁଖିବାକୁ ରଖିଛନ୍ତି ତା'କୁ ସୁରକ୍ଷିତ ଜାଗାରେ ରଖିବାକୁ କିମ୍ବା ବାହାରେ ଥିବା ଧାନକୁ ଘୋଡେ଼ଇବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଅଛି ।<br>• ବର୍ତମାନ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଧାନ କ୍ଷେତରେ ଚକଡା ପୋକର ବୃଦ୍ଧି ପାଇଁ ଅନୁକୂଳ ଅଟେ ତେଣୁ ଏହାର ନିୟନ୍ତ୍ରଣ ପାଇଁ ଦୁଗ୍ଧ ଅବସ୍ଥାରେ ଥିବା ଧାନରେ ପ୍ରତି ହେକ୍ଟର ପିଛା ୨୪୦ ମିଲି ଟ୍ରାଇଫ୍ଲୁମେଜୋପାଇରିମ କିମ୍ବା ୩୦୦ ଗ୍ରାମ ପାଇମେଟ୍ରୋଯାଇନକୁ ପାଣିରେ ମିଶାଇ ଶୁଖିଲା ପାଗକୁ ଦେଖି ସିଞ୍ଚନ କରନ୍ତୁ। |
| ମୁଗ(ଖରା ଦିନିଆ) | ଫଳ ଧରିବା / ଫଳ ତୋଳିବା ଅବସ୍ଥା | • ଯଦି ମୁଗ କ୍ଷେତରେ ଫଳ ଧରିବା ସମୟରେ ଫଳ ଛେଦକ କିମ୍ବା ଫଳ ବିନ୍ଧା ପୋକର ପ୍ରକୋପ ଦେଖାଯାଏ ତା'ହେଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. କିମ୍ବା ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ବର୍ଷା ଛାଡିଲା ପରେ ଶୁଷ୍କ ପାଗକୁ ଦେଖି କ୍ଷେତରେ ସିଞ୍ଚନ କରନ୍ତୁ ।<br>• ଯଦି ମୁଗ ଗଛରେ ୭୦ ରୁ ୮୦ ପ୍ରତିଶତ ଫଳ ପରିପକ୍ୱ ହୋଇ ଯାଇଛି ସେଥିରେ ଫଳ ତୋଳିବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଅଛି। ଏହାର ବିହନକୁ ସଂରକ୍ଷିତ ରଖିବା ପୂର୍ବରୁ ଫସଲକୁ ଖରାରେ ଭଲଭାବରେ ସୁଖାନ୍ତୁ ଯେପରିକି ଦାନା/ମଞ୍ଜିର ଆର୍ଦ୍ରତା ୮ ରୁ ୧୦ ପ୍ରତିଶତ ମଧ୍ୟରେ ରହିବ। ଯେଉଁ ଚାଷୀ ଭାଇମାନଙ୍କର ଫସଲ ବାହାରେ ସୁଖିବା ପାଇଁ ରଖା ହୋଇଛି ତାକୁ ସୁରକ୍ଷିତ ଜାଗାରେ ରଖିବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି କାରଣ ଆଗକୁ କିଛିଟା ଜାଗାରେ ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ। |
| ଆମ୍ବ | ଫଳ ଅବସ୍ଥା | • ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେସିଞ୍ଚନ କରନ୍ତୁ।<br>• ଧଳା ପାଉଡରର ସ୍ତର ଲାଗିରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରନ୍ତୁ ।<br>• ତାପମାତ୍ରା ଓ ଆର୍ଦ୍ରତାରେ ବୃଦ୍ଧି ସହିତ ଆମ୍ବ ଗଛରେ ଫଳ ମାଛିର ଉପଦ୍ରବ ବଢିବାର ଦେଖାଯାଇପାରେ ତେଣୁ ଏହାର ନିରୀକ୍ଷଣ ତଥା ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଅଛି।<br>• ଆମ୍ବ ଗଛରେ ଫଳର ବିକାସ ପାଇଁ ଏହି ମାସଟା ମହତ୍ୱପୂର୍ଣ ଅଟେ ଏବଂ ଏହି ଅବସ୍ଥାରେ ଗଛରେ ଜଳର ଅଭାବ ଯୋଗୁଁ ଫଳର ବିକାସ ବାଧାପ୍ରାପ୍ତ ହୋଇଥାଏ ତେଣୁ ଚାଷି ଭାଇମାନଙ୍କୁ ମାଟିର ଆର୍ଦ୍ରତା ବନାଇ ରଖିବାକୁ ୧୦ ରୁ ୧୫ ଦିନ ଅନ୍ତରାଳରେ ସକାଳ କିମ୍ବା ସନ୍ଧ୍ୟା ସମୟରେ ଜଳସେଚନ କରିବାକୁ ପରାମର୍ଶ ଦିଆଯାଉଅଛି। |
| ପନିପରିବା | ଫୁଲ ଓ ଫଳ ଅବସ୍ଥା | • ବର୍ଷା ନ ହେବା ସ୍ଥିତିରେ କ୍ଷେତରେ ଆର୍ଦ୍ରତା ବନାଇ ରଖିବା ପାଇଁ ଜଳ ସେଚନର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି । ପ୍ରଚଳିତ ପାଣିପାଗରେ ପନିପରିବା ଫସଲରେ ବିଭିନ୍ନ ପ୍ରକାରର ପୋକ ଏବଂ ରୋଗର ସଂକ୍ରମଣ ବଢିବାର ସମ୍ଭାବନା ଦେଖାଯାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି।<br>• ଯଦି ବାଇଗଣ, ଭେଣ୍ଡି ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଲୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ। |
| ଗାଈ ଓ ମଇଷି | • ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରିବାକୁ ଏବଂ ସେମାନଙ୍କୁ ସବୁଜ ଘାସ, ପୁଷ୍ଟିସାର-ଚର୍ବି ଜାତୀୟ ଖାଦ୍ୟ, ମିଶ୍ରିତ ଖଣିଜ ଲବଣ ଏବଂ ଲୁଣ ଖାଇବାକୁ ଦେବା ପାଇଁ ପରାମର୍ଶ ଦିଆଯାଉଛି । ସେମାନଙ୍କୁ ଛାଇଁରେ ରଖିବା ତଥା ସକାଳ ୧୧ ଟା ରୁ ସନ୍ଧ୍ୟା ୪ ଟା ମଧ୍ୟରେ ଚରାଇବାକୁ ବାହାରକୁ ନ ଛାଡ଼ିବାକୁ ଉପଦେଶ ଦିଆଯାଉଛି ।<br>• ବିଜୁଳି ଘଡ଼ଘଡ଼ି ସମୟରେ ପଶୁମାନଙ୍କୁ ବାହାରେ ଗଛ ପାଖରେ କିମ୍ବା କୌଣସି ବିଦ୍ୟୁତ ଉପକରଣ ପାଖରେ ରଖନ୍ତୁ ନାହିଁ। | |
| କୁକୁଡ଼ା ପାଳନ | • ଉଷ୍ଣ ଲହରୀ ସମୟରେ କୁକୁଡ଼ା ଫାର୍ମରେ ଥିବା ଝରକାଗୁଡିକୁ ଓଦା ଅଖା ବସ୍ତା କିମ୍ବା ଗନି ବ୍ୟାଗରେ ଏବଂ ଛାତକୁ ପୁଆଳ କିମ୍ବା ନଡ଼ାରେ | |

| | |
|---|---|
| | ଘୋଡାଇବାର ପ୍ରବନ୍ଧ କରନ୍ତୁ । କୁକୁଡ଼ା ସେଡରେ ପବନର ଚଳପ୍ରଚଳ କିମ ଭେଣ୍ଟିଲେସନ୍ ପାଇଁ ଏବଂ ଘରକୁ ଥଣ୍ଡା ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ । ଉଷ୍ଣ ଲହରୀ ଶେଷ ହେବା ପର୍ଯ୍ୟନ୍ତ ଭିଟାମିନ୍ ଇ ଏବଂ ସି ସପ୍ଲିମେଣ୍ଟ କୁ ପାନୀୟ ଜଳ ସହିତ ମିଶାଇ ଖାଇବାକୁ ଦିଅନ୍ତୁ ।<br>• ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ା ମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ ।<br>• ଫାର୍ମ ଭିତରକୁ ବର୍ଷା ଜଳ ନା ପଶିବା ପାଇଁ ଉପଯୁକ୍ତ ପ୍ରବନ୍ଧ କରନ୍ତୁ ଏବଂ ବିଜୁଳି ଘଡ଼ଘଡ଼ି ସମୟରେ ଫାର୍ମ ପାଖରେ କିଛି ବିଦ୍ୟୁତ ଉପକରଣ ରଖନ୍ତୁ ନାହିଁ । |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |



---

- କୃଷି ରେ ଉତ୍ତମ ଲାଭ ପାଇଁ , **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ , ଫଳ ଓ ପନିପରିବା , ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗ ର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।